# ଛେଳି ଓ ମେଣ୍ଢା ପାଳନ

## ଗରମ ଆସିବା ଓ ଲକ୍ଷଣ

- ମେଣ୍ଢୀ ୧୭-୧୮ ଦିନ ରେ ଗରମ ଆସେ ଓ ୨୪-୪୮ ଘଣ୍ଟା ପର୍ଯ୍ୟନ୍ତ ରୁହେ
- ଛେଳି ୨୧ ଦିନ ରେ ଗରମ ଆସେ ଓ ୨୪-୩୬ ଘଣ୍ଟା ପର୍ଯ୍ୟନ୍ତ ରୁହେ,
- ଗରମକୁ ଆସିଲେ ଅଶ୍ୱସ୍ତି ବୋଧ, ବୋବେଇବା, ଲାଙ୍ଗୁଡ ଜୋରେ ହଲେଇବା, ବାରମ୍ବାର ପରିସ୍ରା କରିବା, ଅନ୍ୟ ଜନ୍ତୁଙ୍କ ଉପରେ ଚଢିବା
- ୧୦-୧୫ ଘଣ୍ଟା ପରେ ସଙ୍ଗମ କରିବା ଉଚିତ
- ସହଜ ରେ ଗରମ ଲକ୍ଷଣ ଜଣା ପଡେ ନାହି
- ବୋଦା ବା ମେଣ୍ଢା ପେଟ ଉପରେ କପଡା ବାନ୍ଧି ହଳଦୀ, ହାଣ୍ଡି କଳା  କିମ୍ବା ନାଲି ଅଳତା ଲଗାଇ ଗରମ ରେ ଆସି ଥିବା ମାଈ ଚିହ୍ନଟ କର ଯାଇ ପରେ

## ଗର୍ଭାବସ୍ଥା, ସନ୍ତାନ ଓ ଯତ୍ନ

- ଛେଳି ୧୫୦ ଦିନ ଓ ମେଣ୍ଢା ୧୪୪ ଦିନ ଗର୍ଭ ଧରାଣ କରେ
- ଛୁଆ ଦେବା ସମୟ ଆସିଲେ ପହ୍ନା ଫୁଲି ଯାଏ, ଯୋନି ଦ୍ୱାର ଫୁଲି ଯାଏ
- ଆସନ୍ନ ପ୍ରସବା ଛେଳି ମେଣ୍ଢୀ  କୁ ଅଲଗା କରି ଦେବା ଉଚିତ, ନରମ ଚଟାଣ ଦରକାର
- ଶୋଇ ରହି ଛୁଆ ଜନ୍ମ କରେ, ଅସୁବିଧା ହେଲେ ପ୍ରାଣୀ ଚିକିସକ ଙ୍କ ସହାୟତା ନିଅନ୍ତୁ
- ମା ଛୁଆ କୁ ଛାଟି ସାଫା କରେ, ନାକ ଆଖି କାନ ରୁ ଲାଳ ପୋଛି ଦେଇ ଉଷୁମ କରନ୍ତୁ
- କଷ କ୍ଷୀର ମା ଠାରୁ ପିଲା ପିବା ଉଚିତ
- ନାଭି ପରିଷ୍କାର ଭାବେ କାଟି ସାଫା ସୂତା ରେ ବାନ୍ଧିବା ଓ ଆଣ୍ଟି ସେପ୍ଟିକ ଲଗାନ୍ତୁ
- ୩ ମାସ ପରେ ମା ଠାରୁ ଛୁଆ କୁ ଅଲଗା କରି ଦିଅନ୍ତୁ

## ଛୁଆ ର ପ୍ରାରମ୍ଭିକ ଯତ୍ନ

- ନାଭି କୁ ସାଫା ରଖିବେ ଓ ଆଣ୍ଟି ସେପ୍ଟିକ ଲଗେଇବେ
- ଶୀତ ଦିନ ଥିଲେ ସେକିବାକୁ ପଡେ
- ମା କୁ ଚାଟିବାକୁ ଦେବେ
- ଯଦି ମା ନଚାଟେ ଟିକେ ଲୁଣ ପକେଇ ପାରିବେ
- ନାକ ଆଖି ସଫା କରି ମା ପାଖରେ କ୍ଷୀର ପିବାରେ ସହାୟତା କରିବେ
- ୧ମ ସପ୍ତାହ ରେ ତରଳ ଝାଡା (E.coli) ବହୁତ ହୁଏ। ପରାମର୍ଶ କରି ଆଣ୍ଟିବୟୋଟିକ ଦିଅନ୍ତୁ
- ୧୫ ଦିନ ପରେ ପିପେରାଜିନ ଦ୍ରବଣ ଦିଅନ୍ତୁ (ଗୋଲ କୃମି ପାଇଁ)

**କୃଷି ବିଜ୍ଞାନ କେନ୍ଦ୍ର , ଗଞ୍ଜାମ - ୧**